**ସତ୍ୟବ୍ରତ ସାହୁ**, ଭା.ପ୍ର.ସେ
ଅତିରିକ୍ତ ମୁଖ୍ୟ ଶାସନ ସଚିବ

ପତ୍ରସଂଖ୍ୟା ୧୮୩୧ / ଓଭାସାସଂ

ତାରିଖ ୨୪.୦୩.୨୦୨୩

ପ୍ରାପ୍ତେଷୁ:

ସମସ୍ତ ଜିଲ୍ଲାପାଳ,
ସମସ୍ତ ଆରକ୍ଷୀ ଅଧିକ୍ଷକ

ବିଷୟ: ଓଡ଼ିଶାର ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ"କୁ ସଠିକ ଭାବରେ ପରିବେଷଣ ନିମିତ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ।

ପ୍ରସଙ୍ଗ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଜ୍ଞାପକ ସଂଖ୍ୟା ୧୬୯୩, ତା ୦୭.୦୬.୨୦୨୦ ରିଖ ।

ମହାଶୟା/ମହାଶୟ,

ଉପରୋକ୍ତ ବିଷୟ ଓ ପ୍ରସଙ୍ଗାନୁକ୍ରମେ ଆପଣଙ୍କୁ ଅବଗତ କରୁଅଛି ଯେ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ "ବନ୍ଦେ ଉତ୍କଳ ଜନନୀ"କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଓ ଗତ ତା ୦୭.୦୬.୨୦୨୦ ରିଖର ମନ୍ତ୍ରୀମଣ୍ଡଳର ପଞ୍ଚଦଶ ବୈଠକରେ ଗୃହୀତ ହେଲା ପରେ ଏହା ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିଲା ।

ଉପରୋକ୍ତ ନିଷ୍ପତ୍ତି ମତେ ତା ୦୭.୦୬.୨୦୨୦ ରିଖରେ ଓଡ଼ିଶା ଗେଜେଟରେ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । ଉକ୍ତ ବିଜ୍ଞପ୍ତି ମତେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ କରି ପରିବେଷଣ କରିବା ଉଚିତ । କିନ୍ତୁ, ବିଭିନ୍ନ ଅନୁଷ୍ଠାନ / ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଏହି ସଙ୍ଗୀତ ସଠିକ ଭାବରେ ପରିବେଷଣ ହେଉ ନାହିଁ ବୋଲି, ଏହି ବିଭାଗର ଦୃଷ୍ଟିକୁ ଆସିଅଛି ।

ଏହି ପରିପ୍ରେକ୍ଷୀରେ, ଆପଣଙ୍କୁ ଏକାନ୍ତ ଅନୁରୋଧ ଯେ, ଉପରୋକ୍ତ ବିଜ୍ଞପ୍ତି ଅନୁସାରେ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଆପଣଙ୍କ ଜିଲ୍ଲାର ସମସ୍ତ ଅନୁଷ୍ଠାନ/ ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସଙ୍ଗୀତ ଗାୟନ ବେଳେ ଅନୁସରଣ ଓ ଅନୁପାଳନ କରିବା ପାଇଁ ବାଧ୍ୟତା କରିବା ହେବେ । ଏଥିସହିତ ଆପଣଙ୍କ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ତଥା ଅଧିକାରୀ/କର୍ମଚାରୀଙ୍କୁ ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିବାକୁ ଅନୁରୋଧ ।

**ସଂଲଗ୍ନିତ କାଗଜପତ୍ର:**

୧- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଜ୍ଞାପକ ସଂଖ୍ୟା ୧୬୯୩, ତା ୦୭.୦୬.୨୦୨୦ ରିଖ ।

୨- ଓଡ଼ିଶା ଗେଜେଟରେ ତା ୦୭.୦୬.୨୦୨୦ ରିଖରେ ପ୍ରକାଶିତ ବିଜ୍ଞପ୍ତି ।

ଆପଣଙ୍କ ବିଶ୍ୱସ୍ତ

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଓଡିଆ ବର୍ଣ୍ଣମାଳା
ସ୍ୱରବର୍ଣ୍ଣ
ଅ ଆ ଇ ଈ ଉ ଊ
ଋ ୠ ଌ ଏ ଐ ଓ ଔ
ବ୍ୟଞ୍ଜନ ବର୍ଣ୍ଣ
କ ଖ ଗ ଘ ଙ
ଚ ଛ ଜ ଝ ଞ
ଟ ଠ ଡ ଢ ଣ
ତ ଥ ଦ ଧ ନ
ପ ଫ ବ ଭ ମ
ଯ ର ଳ ବ/ୱ ଶ
ଷ ସ ହ ଂ ଃ ଁ
ଅତିରିକ୍ତ ବର୍ଣ୍ଣ
କ୍ଷ ଡ଼ ଢ଼ ୟ ଲ

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ଓଡିଶା ସରକାର
ଲୋକ ସେବା ଭବନ, ଭୁବନେଶ୍ୱର - ୭୫୧୦୦୧

ଦୂରଭାଷ : + ୯୧ ୬୭୪ - ୨୫୩ ୯୦ ୩୧
+ ୯୧ ୬୭୪ - ୨୩୨ ୨୭ ୯୦
ଫ୍ୟାକ୍ସ : + ୯୧ ୬୭୪ - ୨୫୩ ୫୦ ୫୦

E_mail : cultsec.od@nic.in
culsecy@gmail.com
Website : odishaculture.gov.in